# କପିଲା ମହାନଦୀ କୋପ



ବନ୍ୟା ଜଳ ହ୍ରାସ ପରେ ଅନୁଗୋଳ ଜିଲା ଆଠମଲ୍ଲିକଠାରେ ମହାନଦୀ ଗର୍ଭରେ ବାଲି ଦେଖାଯାଉଛି।

# 'କିନ୍ନରଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ବଦଳୁ'

ତାଳଚେର, ୨୫।୮ (ନି.ପ୍ର.)




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ 'କିନ୍ନରମାନଙ୍କ ପ୍ରତି ସମାଜର ଦାୟିତ୍ୱ ଓ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମେଜର ସୁବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ଡ. ବିନୟ କୁମାର ଖିଲାର ଯୋଗଦେଇ କିନ୍ନରମାନଙ୍କ ପ୍ରତି ସମାଜର ଦୃଷ୍ଟି ଓ ଆଭିମୁଖ୍ୟ ପରିବର୍ତ୍ତନ କରିବା ପାଇଁ ମତବ୍ୟକ୍ତ କରିଥିଲେ। ସଂସାଧନ ବ୍ୟକ୍ତି ଭାବେ ସାମାଜିକ କର୍ମୀ ଚିନ୍ମୟୀ ଦାସ ଯୋଗଦେଇ କିନ୍ନରମାନଙ୍କ ବୈଷୟିକ, ସାମାଜିକ ଓ ଆର୍ଥିକ ଉତ୍‌ଥାନ ପାଇଁ ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପ ଓ ନିଷ୍ଠା ସହିତ କାର୍ଯ୍ୟ କଲେ କୌଣସି କାର୍ଯ୍ୟ ଅସମ୍ଭବ ହେବନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଉପେନ୍ଦ୍ର ପରିଡା ଯୋଗଦେଇ ଅବହେଳିତ ଓ ଉତ୍ପୀଡ଼ିତ ହେଉଥିବା କିନ୍ନରମାନଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ସରୋଜ କୁମାର ପ୍ରଧାନ, ଡ. କଳ୍ପନା ବୋଇତି, ବାସନ୍ତି ବଳିୟାର ସିଂ, ଗୀତା ଶତପଥୀ, ସୁନୀତା ସାହୁ, ରାକେଶ ମଲ୍ଲିକ, ରଞ୍ଜିତ କୁମାର ସାହୁ, ଅପ୍ସନା ବେଗମ, ଯୁଗଳ ସାହୁ, ଅଶୋକ କୁମାର ବେହେରା, ଶଶାଙ୍କ ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ, ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ରଶ୍ମୀକାନ୍ତ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ ଗୁରୁତର

**ଅନୁଗୋଳ ଅଫିସ, ୨୫।୮:** ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଏ ନେଇ ମହିଳାଙ୍କ ମା' ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୮୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗରେ ଦର୍ଶାଯାଇଛି, ନାଲ୍‌କୋ ଥାନା ଅଞ୍ଚଳର ବସଲା ହଟିଂରେ ବଳରାମ ମୁଣ୍ଡା ୯ ବର୍ଷ ତଳେ ବିବାହ କରିଥିଲେ। ତେବେ ଗତ ୩ ବର୍ଷ ହେବ ଦମ୍ପତିଙ୍କ ମଧ୍ୟରେ ମନାନ୍ତର ଦେଖାଦେଇଥିଲା। ବୁଧବାର ରାତିରେ ବଳରାମ ତାଙ୍କ ସ୍ତ୍ରୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଛାତି ଓ ଦୁଇ ହାତରେ ଆଘାତ ଲାଗିଥିଲା। ଏ ନେଇ ଶାଶୁ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

### ମହିଳାଙ୍କୁ ମାଡ଼ ମାରି ପ୍ରେମିକ ଗିରଫ

**ଅନୁଗୋଳ ଅଫିସ, ୨୫।୮:** ଅନୁଗୋଳରେ ଭଡ଼ାରେ ରହୁଥିବା ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଞ୍ଚଳର ଏକ ପ୍ରେମୀ ଯୁଗଳଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପ୍ରେମିକାଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ପରେ ପୋଲିସ ପ୍ରେମିକଙ୍କୁ ଗିରଫ କରିଛି। ପୋଲିସ କହିଛି, କୁଣ୍ଢେଇଗୋଲା ଥାନା ଅଞ୍ଚଳର ଜନୈକା ମହିଳାଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ ସାମାଜିକ ଗଣମାଧ୍ୟମରେ ଚାଟିଂ ବେଳେ ବଳବନ୍ତ ନାଏକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁଇବର୍ଷ ପ୍ରେମ ସମ୍ପର୍କ ପରେ ବଳବନ୍ତ ପ୍ରେମିକାଙ୍କୁ ଧରି ଅନୁଗୋଳ ପଳାଇ ଆସିଥିଲେ। ଏଠାରେ ଏକ ବର୍ଷ ସ୍ୱାମୀ-ସ୍ତ୍ରୀଙ୍କ ଭଳି ରହିବା ସତ୍ତ୍ୱେ ମହିଳା ଜଣଙ୍କୁ ବିବାହ କରି ନ ଥିଲେ। ମହିଳା ଜଣକ ବିବାହ ପାଇଁ ବାରମ୍ବାର କରିବାରୁ ତାଙ୍କୁ ମାରଧର କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ନେଇ ମହିଳା ଅନୁଗୋଳ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ବଳବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସ୍‌ଆଇ ଶୁଭଲକ୍ଷ୍ମୀ ସିଂହ ତଦନ୍ତ କରୁଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସନ୍ତୋଷଜନକ ହେଉନି ଶିକ୍ଷାଦାନ

ବଇଣ୍ଡା, ୨୫।୮ (ଡି.ଏନ.ଏ.)




- ପ୍ରଧାନଶିକ୍ଷକ ସହ ଖାଲିପଡ଼ିଛି ୫ ପଦବୀ
- ଭଲ ହେଲାନି ଗତ ମାଟ୍ରିକ ପରୀକ୍ଷା ଫଳ
- ସମସ୍ୟାରେ ବଇଣ୍ଡା ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟ

ବିଦ୍ୟାଳୟ ଭିତ୍ତିଭୂମିରେ କରାଯାଇଛି ବଡ଼ ପରିବର୍ତ୍ତନ। ସ୍ମାର୍ଟ ହୋଇଛି ଶିକ୍ଷାନୁଷ୍ଠାନ। ହେଲେ ଶିକ୍ଷାଦାନକୁ ନେଇ ସନ୍ତୁଷ୍ଟ ନୁହନ୍ତି ଛାତ୍ରୀଛାତ୍ର କି ଅଭିଭାବକ। କାରଣ ବିଦ୍ୟାଳୟରେ ନାହାନ୍ତି ପ୍ରଧାନ ଶିକ୍ଷକ, କଳା ଶିକ୍ଷକ ଓ ଖେଳ ଶିକ୍ଷକ। ଦୀର୍ଘଦିନ ହେଲା ଖାଲି ପଡ଼ିଛି ଏହି ୩ ପଦବୀ। ୨ ପିଅନ ପଦବୀରେ ମଧ୍ୟ ଦିଆଯାଉନି ନିଯୁକ୍ତି। ଗତ ମାଟ୍ରିକ ପରୀକ୍ଷା ଫଳ ଭଲ ହୋଇ ନ ଥିବାରୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ାକୁ ନେଇ ବଢ଼ିଛି ଗ୍ରାମବାସୀଙ୍କ ଚିନ୍ତା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୬୨ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯାଉଥିବା ବେଳେ ମୋଟ ୨୮୨ ଛାତ୍ରୀଛାତ୍ର ଅଛନ୍ତି। ହେଲେ ଦୀର୍ଘ ଦିନ ହେବ ପ୍ରଧାନ ଶିକ୍ଷକ, କଳା ଓ ଖେଳ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୨ ପିଅନ ପଦବୀରେ ମଧ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ପାଠପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଖେଳ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରମାନଙ୍କ କ୍ରୀଡ଼ାର ବିକାଶ ହୋଇପାରୁନାହିଁ। ଏ ନେଇ ବଇଣ୍ଡା ଗ୍ରାମବାସୀ ୨୦ ମେ ୨୦୨୦ ଓ ୧୫ ଫେବୃଆରୀ ୨୦୨୧ରେ ଅନୁଗୋଳ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଗଣଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଖାଲି ପଡ଼ିଥିବା ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଗଲା ନାହିଁ। ସେହିପରି ବିଦ୍ୟାଳୟରେ ଏକ ଛାତ୍ରାବାସ ପାଇଁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ୬୦ ବର୍ଷର ଏହି ପୁରାତନ ବିଦ୍ୟାଳୟ ପ୍ରତି ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ ପାଇଁ ବଇଣ୍ଡା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗୁରୁବାର ଗଣଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବ, ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ଉପଜିଲାପାଳ, ସମ୍ବଲପୁର ଏମ୍‌ପି, ଆଠମଲ୍ଲିକ ବିଧାୟକ, ଅନୁଗୋଳ ଏସ୍‌ପି, ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ଖାଲି ପଡିଥିବା ପଦବୀ ପୂରଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚତମ୍ବା କହିଛନ୍ତି, ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ଅସୁବିଧା ହେଉଛି। ସମସ୍ୟା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି।

### ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ୁଛି



ବହୁ ପୁରାତନ ବିଦ୍ୟାଳୟ ହୋଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଅବହେଳା କରାଯାଉଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବା ଯୋଗୁ ପାଠପଢ଼ା ଠିକ୍ ଭାବେ ହେଉନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହେବାକୁ ପଡୁଛି।

-ଆଲୋକ କୁମାର ବେହେରା, ଅଭିଭାବକ

### ଶିକ୍ଷା ବିଭାଗ ଅଣଦେଖା କରୁଛି



ବଇଣ୍ଡା ହାଇସ୍କୁଲକୁ ସବୁବେଳେ ଶିକ୍ଷା ବିଭାଗ ଅଣଦେଖା କରୁଛି। ବହୁ ସମସ୍ୟା ଲାଗିରହିଥିଲେ ବି ସମାଧାନ କରାଯାଉ ନାହିଁ। ଜିଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ।

-ଭଗବାନ ଘିୱାଲା, ବରିଷ୍ଠ ନାଗରିକ

### ପୂର୍ବଭଳି ଶିକ୍ଷାଦାନ ହେଉନାହିଁ



ଶିକ୍ଷକ ଅଭାବ ଲାଗି ରହିଥିବାରୁ ପୂର୍ବଭଳି ଏଠାରେ ଶିକ୍ଷାଦାନ କରାଯାଇପାରୁ ନାହିଁ। ଫଳରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଭଲ ସଫଳତା ହାସଲ କରିନାହାନ୍ତି।

-ବିନୀତ ସାହା, ପୁରାତନ ଛାତ୍ର

### ଆବଶ୍ୟକ ଦୃଷ୍ଟି ଦିଆଯାଉ ନାହିଁ



ଚଳିତବର୍ଷ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯାଇଛି। କିନ୍ତୁ ବଇଣ୍ଡା ହାଇସ୍କୁଲ ପ୍ରତି ଅବହେଳା କରାଯାଇଛି। ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଦୃଷ୍ଟି ଦିଆଯାଉ ନାହିଁ।

-ଜିତେନ୍ଦ୍ର କୁମାର ବେହେରା, ଗ୍ରାମ ସମ୍ପାଦକ

### ଶୀଘ୍ର ପୂରଣ ପାଇଁ ନିର୍ଦ୍ଦେଶ ଦିଆଯିବ



ଜିଲାର ଅନେକ ହାଇସ୍କୁଲରେ ଶିକ୍ଷକ ପଦବୀ ପୂରଣ କରାଯାଇଛି। ବଇଣ୍ଡାରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲା। ସମସ୍ତ ଖାଲି ପଦବୀ କିଭଳି ଶୀଘ୍ର ପୂରଣ ହେବ ସେ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

### ଚାକିରି କରାଇ ଦେବାକୁ କହି ଠକେଇ

ଅନୁଗୋଳ ଅଫିସ, ୨୫।୮

ଅନୁଗୋଳ ଜିଲା ଏଫ୍‌ସିଆଇ କାରଖାନାରେ ଚାକିରି କରାଇ ଦେବା ନାମରେ ଠକେଇ କରାଯାଇଥିବା ତାଳଚେର ବ୍ଲକ ବିକ୍ରମପୁର ଥାନାରେ ଅଭିଯୋଗ ହୋଇଛି। ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ ଥିବା ବାଲିରଇ ଗ୍ରାମର ଶିବଚରଣ ସାମଲ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୨୧୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି, ଗତ ଏପ୍ରିଲ ୨୪ ତାରିଖରେ କୁକୁଡ଼ାଙ୍ଗ ଏକଘରିଆର କାମଦେବ ନାୟକଙ୍କୁ ୫୦ ହଜାର ଟଙ୍କା ଶିବଚରଣ ପ୍ରଦାନ କରିଥିଲେ। ତାଙ୍କ ପୁଅକୁ ଏଫ୍‌ସିଆଇରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ଶିବଚରଣ ଟଙ୍କା ଦେଇଥିଲେ। କିନ୍ତୁ ନିଯୁକ୍ତି କଥା ପଚାରିବାରୁ ଅଭିଯୁକ୍ତ କାମଦେବ ବାରମ୍ବାର କଥାକୁ ଏଡ଼ାଇ ଦେଉଥିଲେ। ଏଭଳି କି ଟଙ୍କା ଫେରସ୍ତ କରିବାକୁ ଜିଦ୍ କରିବାରୁ କାମଦେବ ଗାଳି ଗୁଲଜ କରୁଥିବା ଅଭିଯୋଗରେ ଶିବଚରଣ ଦର୍ଶାଇଛନ୍ତି।

### ଲୁଟିନେଲେ ଟଙ୍କା, ମୋବାଇଲ

ଅନୁଗୋଳ ଅଫିସ, ୨୫।୮

ଅନୁଗୋଳ ଜିଲା ଏଫ୍‌ସିଆଇ ଥାନା ଅଞ୍ଚଳରେ ଏକ ଅଭିନବ ଉପାୟରେ ଲୁଟ୍ ହୋଇଛି। ମିନା ବଜାରରେ ଦୋକାନ କରିଥିବା ଅମର ସାହୁଙ୍କୁ ଜଣେ ଦୁର୍ବୃତ୍ତ ଆସି ବିସ୍କୁଟ ମାଗିଥିଲେ। ସେ ବିସ୍କୁଟ ଆଣିବା ସମୟରେ ଦୁର୍ବୃତ୍ତ ଜଣଙ୍କ ତାଙ୍କ କ୍ୟାଶ୍ ବାକ୍ସରୁ ୧୦ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ନେଇ କଳା ରଙ୍ଗର ବୁଲେଟ୍‌ରେ ଚମ୍ପଟ ମାରିଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟିତ

ଛେଣ୍ଡିପଦା,୨୫।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଗଡିଆଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର (ନୂତନ)ର ଗୃହ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଖଣିଜ ପାଣ୍ଠିରୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାପସ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ନଗେନ ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଗଡିଆ ସରପଞ୍ଚ ପୁଷ୍ପଲତା ବେହେରା, ବାଗଡିଆ ଗ୍ରାମ ସଭାପତି ବିଜୟ କୁମାର ପ୍ରଧାନ, ସମ୍ପାଦକ ସୁରେଶ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ଗୃହକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି, ସ୍ଥାୟୀ ଡାକ୍ତର, ଟେକ୍ନିସିଆନ ଓ ରାସ୍ତା ଆଦି ସମସ୍ୟାର ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେଶ ମାଝି, ପ୍ରଦୀପ ସାହୁ, ରମେଶ ତ୍ରିପାଠି, ମଙ୍ଗୁଲୁ ପ୍ରଧାନ, ବାଳକୃଷ୍ଣ ପ୍ରଧାନ, ସୁରେଶ ବେହେରାଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

### ପ୍ରତାରଣା ଅଭିଯୁକ୍ତ ଗିରଫ



ଛେଣ୍ଡିପଦା,୨୫।୮(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପୋଲିସ ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ବ୍ରାହ୍ମଣବିଲ ଗ୍ରାମର ଶରତ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ଅଭିଯୁକ୍ତ ଶରତ ୫ ବର୍ଷ ତଳେ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିବାହ କରିବା ସହିତ କିଛିଦିନ ପରେ ଛାଡିଦେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ନଂ. ୭୧/୨୦୧୭ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣା ତଦନ୍ତ ଚଳାଇଥିଲା। ହେଲେ ସେହିଦିନଠାରୁ ପୋଲିସକୁ ଚକ୍‌ମା ଦେଇ ଅଭିଯୁକ୍ତ ଶରତ ଫେରାର ଥିଲେ। ଶରତ ଘରେ ଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍‌ଆଇ ରାଜେଶ ଶତପଥୀ ଓ କର୍ମଚାରୀମାନେ ଚଢାଉ କରି ଗିରଫ କରିବାରେ ସକ୍ଷମ ହୋଇଥିଲେ।

# ଦରଦାମ ବୃଦ୍ଧିକୁ ଜୋର୍‌ଦାର ବିରୋଧ




କଂଗ୍ରେସ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଛେଣ୍ଡିପଦା,୨୫।୮(ସ୍ୱ.ପ୍ର.)

## ଛେଣ୍ଡିପଦାରେ କଂଗ୍ରେସର ହାଲାବୋଲ ଓ ବିକ୍ଷୋଭ

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର କୋଶଳା ଠାରେ କଂଗ୍ରେସ ପକ୍ଷରୁ ଦର୍‌ଦାମ ବୃଦ୍ଧି ପ୍ରତିବାଦରେ 'ହାଲାବୋଲ' ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରାଙ୍କ ନେତୃତ୍ୱରେ କୋଶଳା ଗ୍ରାମ ଉଚ୍ଚ ବିଦ୍ୟାଳୟଠାରୁ କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ମେଡିକାଲ ଛକ ପର୍ଯ୍ୟନ୍ତ ଯିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ବଳ ଅର୍ଥନୈତିକ ପରିଚାଳନା ଦ୍ୱାରା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ସୋରିଷ ତେଲ, କ୍ଷୀର, ବିସ୍କୁଟ, ଔଷଧ, ସାର ଓ କୀଟନାଶକ ଔଷଧ, ଗୃହ ନିର୍ମାଣ ସାମଗ୍ରୀ ଦର ଆକାଶ ଛୁଆଁ ଭଳି ବଢି ଚାଲିଥିବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପଥପ୍ରାନ୍ତ ସଭାକୁ ଜିଲା ଓବିସି ସେଲ୍ ସଭାପତି ପ୍ରବୋଧ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ଜୟନ୍ତ ମହାନ୍ତି, ଛେଣ୍ଡିପଦା ବ୍ଲକ ସଭାପତି କୃତାର୍ଥ ଦେହୁରୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଅଳକା ରାଣୀ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ଦିଗାମ୍ବର ଗଡ଼ନାୟକ, ଜୟନ୍ତ କୁମାର ସାହୁ, ବଅଁରପାଳ ବ୍ଲକ ସଭାପତି ବିନୋଦ ମାଝି, ଜିତେନ ସାହୁ, ରାକେଶ ମିଶ୍ର, ଅକସରା ପ୍ରଧାନ, ପୀତବାସ ଦେହୁରୀ, ବିଶ୍ୱଜିତ ପ୍ରଧାନ, ମକୁନ୍ଦ ପ୍ରଧାନ, ସୁରେଶ ପ୍ରଧାନ, ବ୍ରଜବନ୍ଧୁ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ନେତା କୈଳାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ପରଜଙ୍ଗର ଛାତ୍ରୀ ବ୍ରହ୍ମପୁରରୁ ଉଦ୍ଧାର**

ବ୍ରହ୍ମପୁର ଅଫିସ,୨୫।୮: ରେଲୱେ ଚାଇଲ୍ଡ ଲାଇନ ବ୍ରହ୍ମପୁର ରେଳଷ୍ଟେଶନରୁ ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ପରଜଙ୍ଗ ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀ ଥିବା ବେଳେ ଅନ୍ୟ ଦୁଇଜଣ ସୁନ୍ଦରଗଡ଼ ଅଞ୍ଚଳର । ବୁଧବାର ରାତି ପ୍ରାୟ ୯ଟାରେ ପ୍ଲାଟଫର୍ମ -୧ରେ ସନ୍ଦେହଜନକ ଭାବେ ଜଣେ ପୁଅ ଓ ଜଣେ ଝିଅ ଠିଆ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ନାବାଳିକା ଛାତ୍ରୀଙ୍କୁ ଶିଶୁ ମଙ୍ଗଳ ସମିତିରେ ହଜାର କରାଯିବାପରେ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ଗୁରୁବାର ତାଙ୍କୁ ପରିବାର ହେପାଜତରେ ଛଡ଼ାଯାଇଛି । ଯୁବକଙ୍କୁ ଜିଆରପିକୁ ହସ୍ତାନ୍ତର କରାଯାଇଛି ।

# ମାଙ୍କଡ଼ ପାଇଁ ମୁଣ୍ଡବ୍ୟଥା

ରାସୋଳ, ୨୫।୮(ଡି.ଏନ୍.ଏ.)

ସବୁଜ ଛନଛନ ପନିପରିବାରେ ପୂରି ଉଠୁଥିଲା ବାଡ଼ିବଗିଚା। କଲରାଠାରୁ କଖାରୁ, ସଜନାଠାରୁ ସଲରା ଏପରି କି ସପେଟା, ପିଜୁଳି ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଫଳୁଥିଲା। ବାଡ଼ି ପଟ ଛୋଟ ଜାଗାରେ ହେଉଥିବା ଏଭଳି ତଟକା ପରିବା ଅନେକାଂଶରେ କମାଉଥିଲା ପକେଟ ଉପରୁ ବୋଝ। ଘରର ଆବଶ୍ୟକତା ପୂରଣ ହେବା ସହ ସମ୍ପର୍କୀୟଙ୍କ ଘରକୁ ମଧ୍ୟ ପଠାଯାଉଥିଲା। ହେଲେ ଯେବେଠାରୁ ମାଙ୍କଡ଼ପଲ ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହୋଇଛନ୍ତି, ସେବେଠୁ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ବାଡ଼ିବଗିଚାରେ ମାଙ୍କଡ଼ପଲ ଦିନରାତି ପ୍ରାଦୁର୍ଭାବ କରୁଥିବାବେଳେ ପରିବା କଷିଟିଏ ବି ଘରକୁ ଆସୁନି, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳବାସୀ ଏବଂ ଚାଷୀ।

ପରିବା ଚାଷ ପାଇଁ ଢେଙ୍କାନାଳରେ ପ୍ରସିଦ୍ଧି ଅର୍ଜନ କରିଛି ରାସୋଳ। ଏଠାକାର ଚାଷୀମାନେ ଏକର ଏକର ଜମିରେ ବର୍ଷସାରା ଫଳାଇଥାନ୍ତି ପନିପରିବା। ଏହାକୁ ବାଦ୍ ଦେଲେ ଅଞ୍ଚଳ ପ୍ରତି ପରିବାର ନିଜର ବାଡ଼ିପଟେ ଅମୃତଭଣ୍ଡା, ସଜନା, କାକୁଡ଼ି, ଜହ୍ନି, ଝୁଡ଼ଙ୍ଗ, ବାଇଗଣ, ଲଙ୍କା, କାଙ୍କଡ଼, ପୋଟଳ ଭଳି ନା ନା ପ୍ରକାରର ପରିବା ଚାଷ କରୁଥିଲେ। ଏହା ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଉଥିଲା। ମହରଗ ସମୟରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିଲା। ତେବେ ମାଙ୍କଡ଼ ଉପଦ୍ରବ ଯୋଗୁ ଗତ କିଛି ବର୍ଷ ହେଲା ବ୍ୟାପକ କ୍ଷୟକ୍ଷତି ହେଉଛି। ସବୁ ପରିଶ୍ରମ ବୃଥା ଯାଉଛି। ତେଣୁ ଇଚ୍ଛା ଥିଲେ ବି ଅଧିକାଂଶ ପରିବାର ବାଡ଼ିପଟେ ପରିବା ଫଳାଇବାକୁ ପଛଘୁଞ୍ଚା ଦେଉଛନ୍ତି। ପୂର୍ବରୁ ଯେଉଁ ପରିବାର କେଜି କେଜି ପରିବା ଉତ୍ପାଦନ କରୁଥିଲେ, ଏବେ ସେମାନେ ସକାଳ ହେଲେ ବ୍ୟାଗ୍ ଧରି ହାଟମୁହାଁ ହେଉଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ପରିବା ଦର ଆକାଶଛୁଆଁ ହୋଇଥିବାବେଳେ ଏହା ବେଶି ବାଧୁଥିବା ଅଞ୍ଚଳବାସୀ କହିଛନ୍ତି। ଅନ୍ୟପଟେ ମାଙ୍କଡ଼ ଦ୍ୱାରା ଫସଲ ହାନି ହେଲେ ସରକାରୀସ୍ତରରେ କ୍ଷତିପୂରଣ ବ୍ୟବସ୍ଥା ନାହିଁ। ତେଣୁ ଚାଷୀ ପରିବାର ଅଭିଯୋଗ ମଧ୍ୟ କରିପାରୁନାହାନ୍ତି। ମାଙ୍କଡ଼ଙ୍କ ଏଭଳି ଉପଦ୍ରବ ଚିନ୍ତା ବଢ଼ାଇଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।



- ■ଜଙ୍ଗଲ ଛାଡ଼ି ଜନବସତିରେ କରୁଛନ୍ତି ଉପଦ୍ରବ
- ■ବାଡ଼ିବଗିଚାରେ ନଷ୍ଟ କରୁଛନ୍ତି ବ୍ୟାପକ ଫସଲ
- ■ଚିନ୍ତାରେ ଚାଷୀ ପରିବାର, ଜନସାଧାରଣ

**ବିକ୍ରି କରୁଥିଲୁ, ଏବେ କିଣୁଛୁ**



"ପୂର୍ବରୁ ବାଡ଼ିରେ ଏତେ ପରିମାଣର ପନିପରିବା ଉତ୍ପାଦନ ହେଉଥିଲା ଯେ, ଘର ଚଳିବା ସହ ବିକ୍ରି ମଧ୍ୟ କରୁଥିଲୁ। ବାଇଗଣ, ଲଙ୍କା ବର୍ଷତମାମ ହେଉଥିଲା। ପରିବା ଖର୍ଚ୍ଚ ଚଳିଯାଉଥିଲା। ଏବେ ରାତି ପାହିଲେ ପରିବା କିଣିବାକୁ ପଡୁଛି।

-ନରେଶ ଚନ୍ଦ୍ର ପାଳ, ବାଙ୍କଟିଆ

**ସଜନା ଗଛରେ ପତ୍ରଟିଏ ରହୁନାହିଁ**



"ପ୍ରତି ଚାଷୀ ପରିବାରର ବାଡ଼ିରେ କୌଣସି ନା କୌଣସି ପରିବା ଫସଲ ଲଗାଇଥାଆନ୍ତି। କିଛି ନ ହେଲେ ବି ସଜନା, ଅମୃତଭଣ୍ଡା ଗଛ ନିଶ୍ଚୟ ଥାଏ। ହେଲେ ମାଙ୍କଡ଼ଙ୍କ ଉପଦ୍ରବ ପାଇଁ ଅମୃତଭଣ୍ଡା ତ ଦୂରର କଥା ସଜନା ଗଛରେ ପତ୍ରଟେ ବି ରହୁନାହିଁ।

-ରଶ୍ମିରଞ୍ଜନ ପ୍ରଧାନ, ନାଉକିଆରୀ

**ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ**



"ଦୀର୍ଘ ୪୦ ବର୍ଷ ହେଲା ପରିବାର ପରିବା ଚାଷ ସହିତ ଜଡ଼ିତ। ପୂର୍ବରୁ ବର୍ଷକୁ ଲକ୍ଷେରୁ ଦେଢ଼ଲକ୍ଷ ଯାଏ ଲାଭ ମିଳୁଥିଲା। ଏବେ ୫୦ ହଜାର ଟଙ୍କା ମିଳିବା କଷ୍ଟକର। ମାଙ୍କଡ଼ ହରବର କରୁଛନ୍ତି। ତେଣୁ ପରିବା ଚାଷରୁ ଚାଷୀ ମୁହଁ ଫେରାଉଛନ୍ତି।

-କୁଳମଣି ପ୍ରଧାନ, ଗଣ୍ଡାନାଳି

ସମସ୍ୟା ସମ୍ପର୍କରେ ରେଞ୍ଜର ଲୋହିତ କୁମାର ରଥଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ସେ ନିଜର ଅସହାୟତା ପ୍ରକାଶ କରିଥିଲେ। ମାଙ୍କଡ଼ ଉପଦ୍ରବରେ ଫସଲ କ୍ଷୟକ୍ଷତି ହେଲେ ସରକାରୀସ୍ତରରେ କ୍ଷତିପୂରଣ ଦେବା ବ୍ୟବସ୍ଥା ନାହିଁ। ତେଣୁ ଏଥିରେ ବନ ବିଭାଗ କିଛି କରିପାରିବ ନାହିଁ ବୋଲି ସେ କହିଛନ୍ତି।

# ଭତ୍ତା ଅପେକ୍ଷାର ଅନ୍ତ ହେଉନି

ରାସୋଳ, ୨୫।୮(ଡି.ଏନ୍.ଏ.)

**୮ ବର୍ଷ ହେଲା ଧାଉଁଛନ୍ତି ଦିବ୍ୟାଙ୍ଗ ରସେଇ**



୩୦ବର୍ଷ ତଳେ ସ୍ୱାମୀ ହାତ ଛାଡ଼ି ଦେବା ପରେ ମୂଲମଜୁରି ଲାଗି ଦୁଇ ପୁଅଙ୍କୁ ବଡ଼ କଷ୍ଟରେ କରିଥିଲେ ମଣିଷ। ଦଇବ ଦଣ୍ଡ ଦେଲା। ଅକାଳରେ ଚାଲିଗଲେ ବଡ଼ପୁଅ। ସାନପୁଅ ନିଜ ପରିବାର କଥା ଦେଖିଲେ। ଏବେ ଏକା ଏକା ଜୀବନ। ସେଥିରେ ଦାଉ ସାଧିଛି ବାତରୋଗ। ବଙ୍କେଇ ଯାଇଛି ଦୁଇ ଗୋଡ଼। ଆଉ ଆଗ ପରି ଖଟିପାରୁନାହାନ୍ତି। ସକାଳ ହେଲେ କେମିତି ପେଟ ପୂରିବ ସେହି ଚିନ୍ତାରେ ଦିନ କଟୁଛି। ଦୀର୍ଘ ୮ବର୍ଷ ହେଲା ଦିବ୍ୟାଙ୍ଗ ଭତ୍ତା ପାଇଁ ଦୌଡ଼ୁଥିବାବେଳେ ଆବଶ୍ୟକ କାଗଜପତ୍ର ହୋଇପାରୁ ନ ଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ ବିତାଉଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବୁହାଳିପାଳ ପଞ୍ଚାୟତ ବାଙ୍କଟିଆ ଗ୍ରାମର ୭୦ ବର୍ଷୀୟା ରସେଇ ଗୋଛାୟତ।

ରସେଇଙ୍କ କହିବା କଥା, ତାଙ୍କର ବିବାହ ସଦର ବ୍ଲକ ଓସ୍ତପାଳ ଗ୍ରାମରେ ହୋଇଥିଲା। ଦୁଇ ପୁଅ ଜନ୍ମ ପରେ ସ୍ୱାମୀ ତାଙ୍କୁ ଘରୁ ତଡ଼ିଦେଲେ। ଏହାପରେ ସେ ଦୁଇ ଛୁଆଙ୍କୁ ଧରି ଚାଲିଆସିଲେ ବାପଘର ବାଙ୍କଟିଆକୁ। ସରକାରୀ ଅଧିକାରୀଙ୍କୁ ନିବେଦନ ପରେ ବଡ଼କଷ୍ଟରେ ତାଙ୍କ ପାଇଁ ମଞ୍ଜୁର ହୋଇଛି ମାତ୍ର ୫ କେଜି ଚାଉଳ। ସେତକ ସମ୍ବଳରେ ଚଳିବା କଷ୍ଟକର ହୋଇପଡୁଛି। ଔଷଧ କିଣିପାରୁନାହାନ୍ତି। ଦିବ୍ୟାଙ୍ଗ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାର ପଦସ୍ଥ ଅଧିକାରୀଙ୍କୁ ଗୁହାରି କରିଛନ୍ତି। ତେବେ ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ସ୍ୱାମୀ ପରିତ୍ୟକ୍ତା ବୋଲି ଆବଶ୍ୟକ କାଗଜପତ୍ର ହୋଇପାରୁ ନ ଥିବାରୁ ତାଙ୍କୁ ସବୁଠି ନିରାଶ ହେବାକୁ ପଡ଼ିଛି। ସରକାର ଗରିବଙ୍କ ପାଇଁ ଏତେ ସବୁ ଯୋଜନା କରିଥିବାବେଳେ ୮ବର୍ଷ ହେଲା ଜଣେ ସ୍ୱାମୀ ପରିତ୍ୟକ୍ତା ଦିବ୍ୟାଙ୍ଗ ମହିଳା ଭତ୍ତା ପାଇଁ ବାରଦୁଆର ହେବା ସାମାଜିକ ସୁରକ୍ଷା ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଦୀନେଶ ସାମଲ କୁହନ୍ତି, ମହିଳା ଜଣକ ଆବଶ୍ୟକ କାଗଜପତ୍ର ଦାଖଲ କରିନାହାନ୍ତି। ତେଣୁ ତାଙ୍କର ଆବେଦନପତ୍ର ଫେରି ଆସିଛି। ତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟ କରାଯିବା ଲାଗି ପଦକ୍ଷେପ ନିଆଯାଉଛି। ଏହାପରେ ତାଙ୍କୁ ଭତ୍ତା ମିଳିବ ବୋଲି ପିଇଓ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ପୀଡ଼ିତାଙ୍କୁ ସୁରକ୍ଷା ଦେବାକୁ ଦାବି

**ଢେଙ୍କାନାଳ ଅଫିସ,୨୫।୮:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ବିବାହ ଜବରଦସ୍ତ କରାଯାଇଛି। ପରିବାର ଲୋକଙ୍କ ସହାୟତାରେ ମୋଟଙ୍ଗା ଥାନା ହିନ୍ଦୋଳ ରୋଡ୍ ଫାଣ୍ଡି ବଳରାମପ୍ରସାଦ ଅଞ୍ଚଳର ସାଧୁ ବୋଲାଉଥିବା ଜଣେ ବ୍ୟକ୍ତି ତାଙ୍କୁ ବିବାହ କରିଥିଲେ। ତେବେ ପୀଡ଼ିତା କୌଶଳକ୍ରମେ ଖସି ଆସି ଢେଙ୍କାନାଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ତାଙ୍କୁ ଏକ ଆବାସିକ ଗୃହରେ ରଖାଯାଇଛି। ଏ ନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଗତ ଜୁନ୍ ୧୫ରେ ଏକ ମାମଲା (ନଂ.୧୬୦/୨୨) ରୁଜୁ କରାଯାଇଥିଲା। ଦୁଇମାସ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରାଗଲା ନାହିଁ। ସେ ହାଇକୋର୍ଟରୁ ଜାମିନରେ ଆସିଛନ୍ତି। ପରିବାର ଲୋକେ ନାବାଳିକାଙ୍କୁ ଘରକୁ ନେବାକୁ ଚାହୁଁଥିଲେ ମଧ ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ପୀଡ଼ିତା ଜଣକ ଅସୁରକ୍ଷିତ ମଣୁଛନ୍ତି। ତେଣୁ ନାବାଳିକାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ନିବେଦନ କରାଯାଇଛି।

### ଦାନ ଉତ୍ସବ ପାଇଁ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୨୫।୮:** ଢେଙ୍କାନାଳ ଜିଲାରେ 'ଦାନ ଉତ୍ସବ'କୁ ସଫଳ କରିବା ଲାଗି ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଆଇସେକ୍ଟ କମ୍ପ୍ୟୁଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦାନ ଉତ୍ସବ ଏକ ନିଆରା ପରମ୍ପରା। ୨୦୦୯ରୁ ଦେଶର ପ୍ରମୁଖ ସହରରେ ଏହାର ଆୟୋଜନ କରାଯାଉଛି। ତଦନୁଯାୟୀ ଅକ୍ଟୋବର ୨ରୁ ୮ ତାରିଖ ଯାଏ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଢେଙ୍କାନାଳ ଜିଲାର ଜନସାଧାରଣ, ଛାତ୍ରୀଛାତ୍ର, ସାମାଜିକକର୍ମୀ, ବରିଷ୍ଠ ନାଗରିକ, ବିଭିନ୍ନ ପ୍ରତିଷ୍ଠାନ, ପୂଜା କମିଟି, ସରକାରୀ କର୍ମଚାରୀ, ଶିକ୍ଷାନୁଷ୍ଠାନରୁ ଦାନ ଗ୍ରହଣ କରାଯିବ। ଧନୀଦରିଦ୍ର, ଉଚ୍ଚନୀଚ, ଭେଦଭାବଠାରୁ ଉର୍ଦ୍ଧ୍ୱରେ ରହି ପରସ୍ପର ପ୍ରତି ସହନଶୀଳ ମନୋଭାବ ପ୍ରଦର୍ଶନ କରିବା ଲାଗି ସମସ୍ତଙ୍କୁ ଉତ୍ସାହିତ କରାଯିବ। ଏକ ସାଧାରଣ ମଧ୍ୟବିତ୍ତ ପରିବାରର ଅବ୍ୟବହୃତ ପ୍ଲାଷ୍ଟିକ, ଅଦରକାରୀ ଲୁଗାପଟା, ପୁରୁଣା କାଗଜ ମଧ ଅନ୍ୟ କାହା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରେ। ଏହାର ସଫଳ ପ୍ରଦର୍ଶନ ଏହି ଉତ୍ସବ ମାଧ୍ୟମରେ ପ୍ରତିଫଳିତ ହେବ। ଆସନ୍ତା ସେପ୍ଟେମ୍ବର ୩ ଅପରାହ୍ନ ୩ଟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଦାନ ଉତ୍ସବ ସଫଳ ଆୟୋଜନ ପାଇଁ ବିଭିନ୍ନ ବର୍ଗର ଜନସାଧାରଣ ଓ ଅନୁଷ୍ଠାନକୁ ନେଇ ମାନସ ମନ୍ଥନ କରାଯିବ। ରାଜ୍ୟ ସଂଯୋଜକ ବିପିନ ବିହାରୀ ମହାନ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହେବ ବୋଲି ଜିଲା ସଂଯୋଜକ ରାଜକିଶୋର ବେହେରା ଜଣାଇଛନ୍ତି ।

# ସୁରକ୍ଷା କର୍ମୀ ନିଲମ୍ବିତ, ଷ୍ଟାଫ୍‌ନର୍ସଙ୍କୁ ତାଗିଦ୍

ଢେଙ୍କାନାଳ ଅଫିସ, ୨୫।୮

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡେଇଁ ୨ ରୋଗୀଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ଶେଷ ହୋଇଛି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ସୁରକ୍ଷା କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିଲାଗି ଷ୍ଟାଫ୍‌ନର୍ସ ଓ ଆଟେଣ୍ଡାଣ୍ଟଙ୍କୁ ତାଗିଦା କରାଯାଇଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ଉପର ମହଲାଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗଷ୍ଟ ୧୩ ଏବଂ ୧୮ ତାରିଖରେ ଘଟିଥିଲା ଅଭାବନୀୟ ଘଟଣା। ଡାକ୍ତରଖାନା କୋଠାରୁ ଡେଇଁପଡ଼ି ୨ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏଭଳି ସ୍ପର୍ଶକାତର ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ନିନ୍ଦିତ ହୋଇଥିବାବେଳେ ଜିଲା ଚିକିତ୍ସାଳୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳଙ୍କ ନେତୃତ୍ୱରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ମେଡିକାଲ) ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ମେଡିକାଲ ଉପର ମହଲାରେ ଥିବା ଝରକାଗୁଡ଼ିକରେ ଜାଲି ଓ ଗ୍ରୀଲ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି।

୨୦୧୮ରୁ ଅଦ୍ୟାବଧି ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରୁ ଡେଇଁ ୪ ରୋଗୀ ଜୀବନ ହାରିଲେଣି। ହେଲେ କେବଳ ସୁରକ୍ଷା କର୍ମୀଙ୍କ ଉପରେ ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତଦନ୍ତ ରଫାଦଫା କରିଦିଆଯାଉଛି, ଯାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏଥିପୂର୍ବରୁ ଜଣେ ଗୁରୁତର ଶିଶୁଙ୍କୁ ଆଉଟ୍ ଡୋର୍‌ରେ ଥିବା ଡାକ୍ତର ଚିକିତ୍ସା କରିବା ପରିବର୍ତ୍ତେ ଶିଶୁ ବିଶେଷଜ୍ଞ ନ ଥିବା କହି ଘରୋଇ କ୍ଲିନିକ୍‌କୁ ପଠାଇ ଦେଇଥିଲେ। ଠିକ୍ ସମୟରେ ଚିକିତ୍ସା ସେବା ନ ମିଳିବାରୁ ସମ୍ପୃକ୍ତ ଶିଶୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ମୃତ ଶିଶୁଙ୍କ ମାତାପିତା ତଦନ୍ତରେ ସହଯୋଗ କରୁ ନ ଥିବା ସେ କହିଥିଲେ।

ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଟୋ ଆନାଲାଇଜର କାମ କରୁନାହିଁ। ଯନ୍ତ୍ରାଂଶ ମିଳୁ ନ ଥିବାରୁ ୪ ଲିଫ୍ଟ ମଧ୍ୟରୁ ୨ଟି ଅଚଳ ହୋଇପଡ଼ିଛି। ଏ ସଂକ୍ରାନ୍ତରେ ଉତ୍ଫୁଲ୍ଲ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ ସମେତ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାର ମୁଖ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଉନ୍ନତମାନର ସେବା ଯୋଗାଇ ଦେବା ଲାଗି ଅନୁଷ୍ଠାନର ରାଜ୍ୟ ଅଧକ୍ଷ ତଥା ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି।



ଢେଙ୍କାନାଳ ଜିଲା ଚିକିତ୍ସାଳୟ।

**ଜିଲା ଚିକିତ୍ସାଳୟରୁ ଡେଇଁ ରୋଗୀ ମୃତ୍ୟୁ ଘଟଣା**

- ■ସିସିଟିଭି କ୍ୟାମେରା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ
- ■ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଉତ୍ଫୁଲ୍ଲାର ଦାବି

# ଗୋଠଛଡ଼ା ଦନ୍ତା ଆତଙ୍କ

ରାସୋଳ, ୨୫।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଲିବୋରେଇ ସେକ୍ସନରେ ଏକ ଦନ୍ତା ୩ଦିନ ହେଲା ନିଜର ଉପସ୍ଥିତି ଜାହିର କରିଛି। ଉକ୍ତ ହାତୀ ପଲରୁ ଅଲଗା ହୋଇ ବାରମ୍ବାର ଜନବସତି ମୁହାଁ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ଉକ୍ତ ଦନ୍ତା କୁନୁଆ, ମା' ସୁକିଆବାଉତୀ ପେଟ୍ରୋଲ ପମ୍ପ ନିକଟବର୍ତ୍ତୀ ଅଞ୍ଚଳରେ ଘୂରିବୁଲୁଛି। ଜଙ୍ଗଲ ମୁହାଁ ହେବା ପରିବର୍ତ୍ତେ ପୁରୁଣା କଟକ-ସମ୍ବଲପୁର ରାସ୍ତା କଡ଼ରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରହୁଛି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଶତାଧିକ ଯାନବାହନ ଅଟକି ରହୁଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବୟସାଧିକ କାରଣରୁ ହାତୀଟି ସ୍ୱାଭାବିକ ଭାବେ ଚାଲିପାରୁ ନାହିଁ। ଏହାର ଶୁଣ୍ଢ ପାଖରେ କ୍ଷତ ସୃଷ୍ଟି ହୋଇଛି। ତୁରନ୍ତ ଚିକିତ୍ସା କରା ନ ଗଲେ ଉକ୍ତ ଦନ୍ତା ଗୁରୁତର ହୋଇପଡ଼ିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ କହିଛନ୍ତି।

ଏ ନେଇ ଖଲିବୋରେଇ ଫରେଷ୍ଟର ହିମାଂଶୁ ପୃଷ୍ଟି କୁହନ୍ତି, ହାତୀ ଉପରେ ବନ କର୍ମଚାରୀ ନଜର ରଖିଛନ୍ତି। ଅସୁସ୍ଥତାର କାରଣ ଜଣାପଡ଼ିଲେ ତୁରନ୍ତ ଚିକିତ୍ସା କରିବୁ। ଏହାକୁ ନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।



ଜନବସତି ଅଞ୍ଚଳରେ ଗୋଠଛଡ଼ା ଦନ୍ତା।

# ଗଡ଼ିଲା ସଡ଼କ ସୁରକ୍ଷା ଜାଗରଣ ରଥ



ଜିଲାପାଳ ସଡ଼କ ସୁରକ୍ଷା ଜାଗରଣ ରଥର ଶୁଭାରମ୍ଭ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୫।୮

ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଢେଙ୍କାନାଳ ଜିଲାବାସୀଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଗୁରୁବାର ଜିଲା କାର୍ଯ୍ୟାଳୟ ପରିସରରୁ ଗଡ଼ିଛି ସଡ଼କ ସୁରକ୍ଷା ଜାଗରଣ ରଥ। ଜିଲାପାଳ ସରୋଜ କୁମାର ସେଠୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ୪ ଦିନରେ ଜିଲାର ସମସ୍ତ ୮ ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ବିଷୟରେ ଜ୍ଞାନ ବାଣ୍ଟିବ। ଲିଫ୍‌ଲେଟ୍ ମଧ୍ୟ ବଣ୍ଟନ କରିବ। ଗାଡ଼ି ଚଳାଇବା ବେଳେ ବ୍ୟକ୍ତିଗତ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଗାଡ଼ି ଧକ୍କାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ। ତେବେ ଏଥିଲାଗି ପୋଲିସ ରିପୋର୍ଟକୁ ପ୍ରାଥମିକତା ଦିଆଯିବ। ସେହିପରି ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚାଉଥିବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ପ୍ରଦାନ କରାଯିବ। ଏଥି ପାଇଁ ଗୁଡ୍ ସମରିଟାନ ଫର୍ମରେ ସମ୍ପୃକ୍ତ ମେଡିକାଲର ଡାକ୍ତରଙ୍କ ଦସ୍ତଖତ ଆଣି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ସ୍ୱାଇଁ, ସହକାରୀ ମୋଟରଯାନ ନୀରିକ୍ଷକ ମାନସ ରଞ୍ଜନ ପୃଷ୍ଟି, ଟ୍ରାଫିକ ନୀରିକ୍ଷକ ସୀତାଂଶୁ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ ମଧ୍ୟପ୍ରଦେଶ ପ୍ରତିନିଧି ଦଳ

ଢେଙ୍କାନାଳ ଅଫିସ, ୨୫।୮

**ମଳପଙ୍କ ପରିଚାଳନା କେନ୍ଦ୍ର ବୁଲି ଦେଖିଲେ**

ଢେଙ୍କାନାଳର ଆଦର୍ଶ ମଳପଙ୍କ ପରିଚାଳନା କେନ୍ଦ୍ର ପରିଦର୍ଶନ କରିଛନ୍ତି ମଧ୍ୟପ୍ରଦେଶ ସରକାରଙ୍କ ସହରାଞ୍ଚଳ ବିକାଶ ବିଭାଗ ଏବଂ ୟୁନିସେଫ୍ ପ୍ରତିନିଧିଙ୍କ ୨୫ ଜଣିଆ ପ୍ରତିନିଧି ଦଳ। ଅଧିକାରୀମାନେ ପୌରସଂସ୍ଥାର ୮ନଂ. ୱାର୍ଡ ବାଞ୍ଛକୁସୁମସ୍ଥିତ ମଳପଙ୍କ ପରିଚାଳନା କେନ୍ଦ୍ର ବୁଲି ଦେଖିଛନ୍ତି। ପାଇଲଟ୍ ପ୍ରୋଜେକ୍ଟ ଭାବେ ଢେଙ୍କାନାଳରେ ପ୍ରତିଷ୍ଠିତ ଏହି ପ୍ରକଳ୍ପ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଉଦାହରଣ ପାଲଟିଛି। ଏହାକୁ ଅଧିକ ସୁବ୍ୟବସ୍ଥିତ କରିବା ଲାଗି ପ୍ରତିନିଧି ଦଳ ପୌରସଂସ୍ଥା ଅଧିକାରୀ, କର୍ମଚାରୀ, ଏହାର ପରିଚାଳନା ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଛନ୍ତି।

ପ୍ରାୟ ସାଢ଼େ ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ୨୦୧୮ରେ କାର୍ଯ୍ୟକ୍ଷମ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ପରିଚାଳନା ଦାୟିତ୍ୱରେ ଅଛନ୍ତି। ପ୍ରକଳ୍ପ ମାଧ୍ୟମରେ ପୌରସଂସ୍ଥାର ୨୩ ୱାର୍ଡ ଏବଂ ସଦର ବ୍ଲକର ୪ଟି ପଞ୍ଚାୟତରୁ ମଳପଙ୍କ ସଂଗ୍ରହ କରାଯାଉଛି। ଏହାକୁ ଟ୍ରିଟ୍‌ମେଣ୍ଟ କରି ଶୁଖିଲା ଖତ ପ୍ରସ୍ତୁତ କରାଯାଇ ବନୀକରଣରେ ବ୍ୟବହୃତ ହେଉଛି। ପରମେଶ ଜାଲୋଟେ, ପବନ ସିଂ, ବବିତା ମାରକମ୍, ସତୀଶ ମାତସନିଆ, ଅକ୍ସିତ ଗୁନ୍ଦେଲା, ସୁରେଖା ଯାଦବ, ସତୀଶ ମାଲବ୍ୟ, ମାଧୁରୀ ଶର୍ମା, ରୀତୁ ମେହେରା, ଅକ୍ତା ଅଗ୍ରୱାଲ, ପୂଜା ଦ୍ୱିବେଦୀ, ବିନୟ କୁମାର ଭଞ୍ଜ, କିଶନ ସିଂ ଠାକୁର, ରାଘବେନ୍ଦ୍ର ସିଂ ପାଲିଆ, ପୂଜା ବୁନକର, ଲକ୍ଷ୍ମଣ ସିଂ ସରାଶ, ଶୁଭମ ମକୁଆନା, ବିଜୟ କୁମାର ଭଞ୍ଜ, କିଶନ ସିଂ ଠାକୁର, ବଳଦେବ ସିଂ ଠାକୁର, ସିପ୍ରା ସିଂ, ସ୍ୱପ୍ନିଲ ଜୈନ, ନାଗେଶ୍ୱର ପଟିଦାର, ଅଙ୍କିତା ଗୁପ୍ତା, ଗୌତମ ମାହାତୋ, ସବିର ଇକବାଲ, ଶାଶ୍ୱତ ନାୟକ ପ୍ରମୁଖ ଉକ୍ତ ପ୍ରତିନିଧି ଦଳରେ ଆସିଛନ୍ତି। ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୌରଯନ୍ତ୍ରୀ ରଶ୍ମିତା ନାୟକ ସେମାନଙ୍କୁ ସ୍ୱାଗତ କରିଥିଲେ।





ମଧ୍ୟପ୍ରଦେଶ ସହରାଞ୍ଚଳ ବିକାଶ ବିଭାଗ ଏବଂ ୟୁନିସେଫ୍ ପ୍ରତିନିଧି ଦଳ ଢେଙ୍କାନାଳ ପୌରାଞ୍ଚଳରେ ଥିବା ମଳପଙ୍କ କେନ୍ଦ୍ର ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

**ଢେଙ୍କାନାଳ ଅଫିସ, ୨୫।୮:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଆଇନ ସଚେତନତା ଶିବିର ସ୍ଥାନୀୟ ରେଙ୍ଗାଳି କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ସତ୍ୟପୀର ମିଶ୍ରଙ୍କ ନିର୍ଦ୍ଦେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ସମାଜ ମଙ୍ଗଳ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ପାଇବା, ଅଧିକାର କ୍ଷୁଣ୍ଣ ହୋଇଥିଲେ କିପରି ଆଇନଗତ ସହାୟତା ପାଇପାରିବେ ସେ ସମ୍ପର୍କରେ ପ୍ରାଧିକରଣ ସଚିବ ମମିତା ସାହୁ ଅବଗତ କରାଇଥିଲେ। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପୌରସଂସ୍ଥାର ବିଭିନ୍ନ ଜନମଙ୍ଗଳ ଯୋଜନା, ପ୍ରୋଟେକ୍ସନ ଅଧିକାରୀ ସସ୍ମିତା ରଣସିଂ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ପାରାଲିଗାଲ ଭଲ୍ୟୁଣ୍ଟିୟର ରାମେଶ୍ୱର ମାଇତି, ଅନୁପ ନାୟକ ଶିବିର ପରିଚାଳନା କରିଥିଲେ।

### ଆତ୍ମନିର୍ଭର ଭାରତ ପାଇଁ ଉଦ୍ୟୋଗ ବିକାଶ ଜରୁରୀ

**ଭୁବନ, ୨୫।୮(ଡି.ଏନ୍.ଏ.):** ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୂଲ୍ୟରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଦିଲୀପ କୁମାର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଆତ୍ମନିର୍ଭର ଭାରତ ଗଠନ ପାଇଁ ଉଦ୍ୟୋଗ ଏବଂ ଉଦ୍ୟୋଗୀଙ୍କ ବିକାଶ ଜରୁରୀ। ଚାକିରି ପଛରେ ନ ଗୋଡ଼ାଇ ସ୍ୱାବଲମ୍ବୀ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ନିଜ ଉଦ୍ୟୋଗୀ ଜୀବନର ସଫଳତା ବର୍ଣ୍ଣନା କରିବା ସହ ଅର୍ଥନୀତିର ଅଭିବୃଦ୍ଧିରେ ଉଦ୍ୟୋଗୀଙ୍କ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲା ପ୍ରଭାରୀ ଚିନ୍ମୟ ପ୍ରସାଦ ରଥ ଭାରତୀୟ ଉଦ୍ୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଯୋଜିକା ଡ. ନମିତା ଦାଶ ନୂତନ ଚିନ୍ତନ ହିଁ ଉଦ୍ୟୋଗ ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅଧାପକ ନିରଞ୍ଜନ ନାୟକ, ପ୍ରଶାନ୍ତ ରାଉତରାୟ ଏବଂ ଅଭିଯାନର ସଦସ୍ୟ ନିରଞ୍ଜନ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୪ ସଫଳ ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

### ପ୍ରଦାନ କରାଗଲା ସୁରକ୍ଷା ବୀମାରାଶି



**ଢେଙ୍କାନାଳ ଅଫିସ, ୨୫।୮:** ଢେଙ୍କାନାଳ ଜିଲା ଯୋରନ୍ଦା ବ୍ଲକ ଦେଓଗାଁ ପଞ୍ଚାୟତ ଅଧୀନ ମହୁଲଖୋଲିସ୍ଥିତ ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ର ପରିସରରେ ଗ୍ରାହକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହିତାଧିକାରୀ ସରୋଜ ନାୟକଙ୍କୁ ବୀମାରାଶି ବାବଦକୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଗ୍ରାହକ ସେବାକେନ୍ଦ୍ର ସ୍ୱତ୍ୱାଧିକାରୀ ମୋନାଲିସା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମହୁଲଖୋଲି, ଗୋପାଳପୁର, ଚନ୍ଦ୍ରଶେଖରପୁର ଏସ୍‌ଏଚ୍‌ଜି ସଦସ୍ୟ, ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ସୁରକ୍ଷା ବୀମା ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଏସ୍‌ବିଆଇ ଯୋରନ୍ଦା ଶାଖା ପରିଚାଳକ ସୁକାନ୍ତ କୁମାର ସାହୁ, ମ୍ୟାନେଜର ଗୋପୀନାଥ ସାହୁ, ଗ୍ରାହକ ସେବା କେନ୍ଦ୍ରର ଜିଲା ସଂଯୋଜକ ବିମଳ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରର ସହ ପରିଚାଳକ ଗୋପବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜେକୁ ବାରଣ, ଶୃଙ୍ଖଳାକୁ ଗୁରୁତ୍ୱ

**ଭୁବନ, ୨୫।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ଗଣେଶପୂଜା ଓ ମେଳଣ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ଲାଗି ବୁଧବାର ସ୍ଥାନୀୟ ଏନ୍‌ଏସି ସଭାଗୃହରେ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଅଧକ୍ଷତାରେ ନଗରପାଳ ଶୁଭେନ୍ଦୁ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଚଳିତବର୍ଷ ବିସର୍ଜନ ଶୋଭାଯାତ୍ରାରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯାଇଛି। ଶୃଙ୍ଖଳାର ସହ ପୂଜା ସମ୍ପନ୍ନ କରିବାକୁ ସହମତି ପ୍ରକାଶ ପାଇଛି।

କରୋନା ସ୍ଥିତି ସ୍ୱାଭାବିକ ହେବା ପରେ ବିଦ୍ୟାଦାତାଙ୍କ ଆବାହନ ପାଇଁ ଯୁବବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଛି। ଚଳିତବର୍ଷ ସହରର ୨୬ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ତନ୍ମଧ୍ୟରୁ ୪ଟି ପୂଜା ପ୍ରତିଷ୍ଠାନ ୧୨ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି। ଅଗଷ୍ଟ ୩୧ରୁ ଅସ୍ଥାୟୀ ମଣ୍ଡପରେ ଗଜାନନଙ୍କ ପୂଜା ଆରମ୍ଭ ହେବ। ସେପ୍ଟେମ୍ବର ୫ ଏବଂ ୬ ତାରିଖରେ ମେଳଣ ପଡ଼ିଆରେ ସମସ୍ତ



ବୈଠକରେ ପ୍ରଶାସନିକ ଅଧିକାରୀ, ବଜାର କମିଟି, ମେଳଣ କମିଟି ସଦସ୍ୟଙ୍କ ସମେତ ବିଭିନ୍ନ କ୍ଲବର କର୍ମକର୍ତ୍ତାମାନେ।

### ଗଣେଶପୂଜା ଶାନ୍ତି କମିଟି ବୈଠକ

ମେଢ ଏକାଠି ହେବେ। ସେଠାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଆଞ୍ଚଳିକ ମଧ ନିଲାମ ହେବ। ୭ ତାରିଖ ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ମଧ୍ୟରେ ଭସାଣି ସମ୍ପନ୍ନ ହେବ। ଏନ୍‌ଏସି ପକ୍ଷରୁ ବଡ଼ହାଟ ନିକଟରେ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ।

ପୂଜା ପୂର୍ବରୁ ରାସ୍ତାଘାଟ ମରାମତି, ଭସାଣି ରୁଟ୍ ପରିଷ୍କାର ପରିଚ୍ଛନ୍ନ ରଖିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଲାଗି କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ମେଳଣ କମିଟି ସମ୍ପାଦକ ଜିତେନ୍ଦ୍ର ଦାସ, ଉପସଭାପତି ବିନୋଦ ମହାରଣା ଆଲୋଚନାରେ ଭାଗ ନେଇଥିଲେ। ପୂଜା ସମୟରେ ସହରକୁ ଭାରିଯାନ ପ୍ରବେଶ ଉପରେ କଟକଣା ଜାରି କରାଯିବ। ସନ୍ଧ୍ୟା ୬ଟାରୁ ରାତି ୧୧ ଘଣ୍ଟିକା ଯାଏ ଏହା ବଳବତ୍ତର ରହିବ ବୋଲି ନିଷ୍ପତ୍ତି ରହିଛି। ଭସାଣିରେ ପାରମ୍ପରିକ ବାଦ୍ୟ ବ୍ୟବହାର କରିବାରେ କୌଣସି ଆପତ୍ତି ନାହିଁ। ତେବେ ଡିଜେ କିମ୍ବା ଭାଇବ୍ରେଟର ସାଉଣ୍ଡ ବ୍ୟବହାର କଲେ ସମ୍ପୃକ୍ତ ପୂଜା ପ୍ରତିଷ୍ଠାନ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମେଳଣ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ସାହୁ, ସମସ୍ତ ବଜାର ବରିଷ୍ଠ କର୍ମକର୍ତ୍ତା, ସମସ୍ତ ଗଣେଶ ପୂଜା ମେଢ଼ କମିଟି କର୍ମକର୍ତ୍ତା ମେଳଣ ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ।

# ଦାଦି ପ୍ରକାଶମଣିଙ୍କ ସ୍ମୃତି ଦିବସ

**ଢେଙ୍କାନାଳ ଅଫିସ,୨୫।୮**

ଢେଙ୍କାନାଳ ସହରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ସଭାଗୃହରେ ଗୁରୁବାର ସଂସ୍ଥାର ପୂର୍ବତନ ମୁଖ୍ୟ ଦାଦି ପ୍ରକାଶମଣିଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲାପାଳ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ମଣିଷ ଜୀବିକା ଅର୍ଜନ ସହ ଜୀବନ ନିର୍ବାହ ସଂସ୍କାର ଆପଣାଇବା ପାଇଁ ବିଶେଷ ଭାବେ ଚେଷ୍ଟା କରିବା ଉଚିତ। ଭୌତିକ ଓ ଆଧାତ୍ମିକ ଦୁନିଆ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବ୍ରହ୍ମାକୁମାରୀ ସଂସ୍ଥା ଲୋକଙ୍କୁ ସଚେତନ କରି ଆସୁଛି ବୋଲି ସେ କହିଥିଲେ। ସଙ୍ଗଠନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ଦାଦି ପ୍ରକାଶମଣିଙ୍କ ସରଳ ଜୀବନ ଶୈଳୀ ଏବଂ ପ୍ରଶାସନିକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ବିଶ୍ୱରେ ସେବା ଓ ଶାନ୍ତି ପ୍ରତିଷ୍ଠା ପାଇଁ ମିଳିତ ଜାତିସଂଘ ପକ୍ଷରୁ ସେ ପିସ୍ ମେସେଞ୍ଜର ପୁରସ୍କାର ପାଇଥିଲେ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ବ୍ଲକ ବଡସୁଆଁଳୋସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦନ ତରାଇ ଓ ସାମାଜିକ କର୍ମୀ ଉଷାରାଣୀ ଦାସ, ବ୍ରହ୍ମାକୁମାର ବେଣୁଧର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥି ଏବଂ ସଙ୍ଗଠନର ସଦସ୍ୟବୃନ୍ଦ।

# ଟିଏଫ୍‌ଏଲ୍ ଅଗ୍ରଗତିର ସମୀକ୍ଷାକଲେ କେନ୍ଦ୍ରମନ୍ତ୍ରୀ



ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀମାନେ।

**ତାଳଚେର, ୨୫।୮ (ନି.ପ୍ର.)**

ଦୁଇ ଦିନିଆ ତାଳଚେର ଗସ୍ତରେ ଆସିଥିବା କେନ୍ଦ୍ର ରସାୟନ, ସାର ଓ ନବୀକରଣଯୋଗ୍ୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭଗୱନ୍ତ ଖୁବା ଗୁରୁବାର ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍)ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଖୁବା ବିକ୍ରମପୁର ଅତିଥି ଭବନଠାରେ ପହଞ୍ଚିବା ପରେ ଟିଏଫ୍‌ଏଲ୍ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମନ୍ତ୍ରୀ ପ୍ଲାଣ୍ଟ ପରିସରରେ ଚାରା ରୋପଣ କରିବା ସହିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପ୍ଲାଣ୍ଟର ମଡେଲ ପରିଦର୍ଶନ କରିଥିଲେ। ପ୍ଲାଣ୍ଟ ପରିସରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ପ୍ରକଳ୍ପର ଅଗ୍ରଗତି ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଖୁବାଙ୍କୁ ଭେଟି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଅଞ୍ଚଳବାସୀଙ୍କ ସ୍ୱାର୍ଥ ସମ୍ବଳିତ ୯ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପ୍ଲାଣ୍ଟ ଶୀଘ୍ର ଉଦ୍‌ଘାଟନ ନିମନ୍ତେ ତାରିଖ ଘୋଷଣା ସହ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ତାଳଚେର ସାର କାରଖାନା କର୍ମଚାରୀଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି, ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ଠିକା କର୍ମଚାରୀ ଭାବେ ନିଯୁକ୍ତି ପ୍ରଦାନ, ସ୍ଥାନୀୟ ଠିକାଦାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ପ୍ରଦାନ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ, ଅଞ୍ଚଳର ସାମାଜିକ ବିକାଶ କାର୍ଯ୍ୟକ୍ରମ କରିଯିବା ଆଦି ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ଦାବି କରିଛନ୍ତି।

# ଭୋଟରଙ୍କୁ କରାଗଲା ସଚେତନ



ଆଧାର ସଂଯୋଗୀକରଣ ସଚେତନ ରଥର ଶୁଭାରମ୍ଭ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୫।୮**

ଭୋଟର କାର୍ଡ ସହିତ ଆଧାର ସଂଯୋଗୀକରଣ ଲାଗି ଭୋଟରଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଗୁରୁବାର ଢେଙ୍କାନାଳ ଜିଲାରେ ଗଡ଼ିଛି ଏକ ସଚେତନତା ରଥ। ଉପଜିଲାପାଳ ସ୍ୱସ୍ମିରାଣୀ ଧଳ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଢେଙ୍କାନାଳ ପୌରାଞ୍ଚଳର ବିଭିନ୍ନ ୱାର୍ଡ ବୁଲି ଲୋକଙ୍କୁ ସଚେତନ କରାଇଛି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ହରିହର ପଞ୍ଝିଆତୀ, ମୁଖ୍ୟ କିରାଣି ହିମାଦ୍ରି ମହାନ୍ତି, ବରିଷ୍ଠ ସହକାରୀ ରାଜସ୍ୱ ସହାୟକ ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୋଶଳା ସିଏଚ୍‌ସିକୁ ଇନ୍‌ଭର୍ଟର ପ୍ରଦାନ




**ଅନୁଗୋଳ ଅଫିସ, ୨୫।୮**

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନର ଏକ ଦାୟିତ୍ୱସମ୍ପନ୍ନ ସହଯୋଗୀ ଭାବେ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଛେଣ୍ଡିପଦାସ୍ଥିତ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଇନଭର୍ଟର ଓ ବ୍ୟାଟେରି ପ୍ରଦାନ କରାଯାଇଛି। ଲୋଭୋଲ୍ଟ ଏବଂ ବିଦ୍ୟୁତ କାଟ ବେଳେ ଭାକସିନକୁ ସୁରକ୍ଷିତ ରଖିବା ପାଇଁ ଏକ ୫.୫ କେଭିଏ ସହିତ ୪୮ ଭୋଲ୍ଟର ଇନଭର୍ଟର ଏବଂ ୨୩୦ ଏଏଚ୍‌ର ୪ଗୋଟି ବ୍ୟାଟେରି ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଏବଂ ରୋଗୀ କଲ୍ୟାଣ ସମିତିର ଗଭର୍ଣ୍ଣିଂ ବଡି ସଦସ୍ୟଙ୍କ ଉପସ୍ଥିତିରେ ଜେଏସପି ଫାଉଣ୍ଡେସନ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଆଇଏଲ୍‌ଆର୍ ପଏଣ୍ଟରେ କୋଲ୍ଡ ଚେନ ବଜାୟ ରହିବା ସହିତ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିପାରିବ। ଏ ନେଇ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଯୋଗଦାନ କରି ବିଧାୟକ ଜେଏସ୍‌ପି ଫାଉଣ୍ଡେଶନକୁ ଧନ୍ୟବାଦ ଦେଇଥିଲେ। ଏଥିସହ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଲ୍ଡ ଚେନ ବଜାୟ ରହିବା ସହ ଗ୍ରାମୀଣ ମହିଳା ଏବଂ ଶିଶୁମାନେ ବହୁଳ ଭାବେ ଉପକୃତ ହୋଇପାରିବେ। ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ଦ୍ୱାରା ଶିଶୁଙ୍କୁ ସୁରକ୍ଷା ପ୍ରଦାନ କରାଯିବା ସହିତ ସେମାନଙ୍କ ବହୁମୂଲ୍ୟ ଜୀବନ ମଧ୍ୟ ରକ୍ଷା କରାଯାଇପରିବ। ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟରକ୍ଷା ସହିତ ସେମାନଙ୍କ କୁପୋଷଣ ହ୍ରାସ, କିଶୋରୀ ବାଳିକାଙ୍କ ମଧ୍ୟରେ ଆନେମିଆ ନିୟନ୍ତ୍ରଣ, ଶିଶୁ ଏବଂ ମାତୃ ମୃତ୍ୟୁ ହାର ହ୍ରାସ ଦିଗରେ ଜେଏସ୍‌ପି ଫାଉଣ୍ଡେଶନ କାର୍ଯ୍ୟ କରୁଛି। ଜେଏସ୍‌ପି ପକ୍ଷରୁ ଇନଭର୍ଟର ପ୍ରଦାନ ଯୋଗୁ ଭାକସିନକୁ ସୁରକ୍ଷିତ ରଖାଯିବା ସହିତ ଛେଣ୍ଡିପଦାର ୫ଗୋଟି ଟିକାକରଣ କେନ୍ଦ୍ରକୁ ପ୍ରେରଣ କରାଯାଇବ। ଉକ୍ତ ୫ଗୋଟି ଟିକାକରଣ କେନ୍ଦ୍ର ମାଧ୍ୟମରେ ୧୦୦୦ରୁ ଊର୍ଦ୍ଧ୍ୱ ଶିଶୁ ଏବଂ ଗର୍ଭବତୀ ମହିଳା ଲାଭାନ୍ୱିତ ହୋଇପାରିବେ। ୨୦୦୯ ମସିହାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଏକ ଆଇଏଲ୍‌ଆର୍ କେନ୍ଦ୍ର ପ୍ଲାଣ୍ଟ ପରିସରରେ ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ୧୫ଟି ଗ୍ରାମକୁ ଟିକା ପ୍ରେରଣ କରାଯାଉଛି।

# ରାଧାମୋହନଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି

**ବଅଁରପାଳ, ୨୫।୮ (ଡି.ଏନ.ଏ.)**



ଅନୁଗୋଳ ଜିଲା ବଅଁରପାଳ ବ୍ଲକ ସାନ୍ତରାପୁର 'ଖ' ପଞ୍ଚାୟତ କଲଣ୍ଡାପାଳଠାରେ ପଦ୍ମଶ୍ରୀ କବି ରାଧାମୋହନ ଗଡନାୟକଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କବିଙ୍କ ପୌତ୍ର ପାବକ ଗଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବଅଁରପାଳ କଲେଜ ଅଧ୍ୟାପକ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ଗୁରୁମା ସଂଘମିତ୍ରା ଗଡନାୟକ ପ୍ରମୁଖ ଯୋଗଦେଇ ରାଧାମୋହନଙ୍କ କବିତା ଗୁଡ଼ିକରେ ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି ଲକ୍ଷ୍ୟ କରାଯାଇଥାଏ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ, କବିଙ୍କ ପୌତ୍ର ଆଲୋକ ଗଡନାୟକ, ପୁଲକ ଗଡନାୟକ, ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ସମସ୍ତ ଛାତ୍ରୀଛାତ୍ର, ଆଚାର୍ଯ୍ୟା, ଆଚାର୍ଯ୍ୟ, କଲଣ୍ଡାପାଳ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମର ଯୁବବର୍ଗ, ଗ୍ରାମବାସୀ ଉପସ୍ଥିତ ରହି କବିଙ୍କ ଜୀବନୀ ଓ କାବ୍ୟ କବିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ସମାଲୋଚକ ଦେବେନ୍ଦ୍ର ଦାଶଙ୍କ ପରଲୋକ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**



ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତ୍‌ସିଂହପୁର ଜିଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଓରିଣ୍ଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ବୃତ୍ତିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୨୫।୮**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ବୁଧବାର ୬୬୨ ବର୍ଗ କଲେଜ ସଂଘ ଜିଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ବିଜୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପେନସନ ଅସଙ୍ଗତି ଦୂର ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ରାଜ୍ୟ ସଭାପତି ଗୋଲକ ନାୟକ, ସାଧାରଣ ସମ୍ପାଦକ ସରାଫଉଦ୍ଦିନ ଅହମ୍ମଦ, ଡ. ଗଗନ ବେଉରା, ଉପସଭାପତି ଡ. ତପନ ଜେନା, ସମୀର ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ସାମଲ ପ୍ରମୁଖ ଚାକିରି ସର୍ତ୍ତାବଳୀ, ପୁନଃ ପେନସନ ପ୍ରଦାନ, ବିଭିନ୍ନ କାରଣରୁ ବାଦ ପଡ଼ିଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା, ୨୦୧୪ ଜିଓ ଅଧୀନସ୍ଥ କର୍ମଚାରୀଙ୍କୁ ୭ମ ବେତନ କମିଶନ ହାରରେ ଦରମା ପ୍ରଦାନ, ୨୦୨୨ ଅନୁଦାନକୁ ୨.୫୭ ହାରରେ ହିସାବ କରିବା, ୧୯୭୭ ଓ ୮୩ ନିୟମ ଅନୁଯାୟୀ ଟ୍ୟୁଟୋରିଆଲ କ୍ଲାସକୁ ହିସାବକୁ ନେବା, ବାଦ ପଡ଼ିଥିବା କିରାଣି, ପିଅନ, ସୁଇପର, ରାତ୍ର ଜଗୁଆଳଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ବିଷୟରେ ଆଲୋଚନା କରିଥିଲେ। ସରକାର ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଅଧ୍ୟାପକ ବିକାଶ ଦାସ, ଡ. କବିତା ମହାନ୍ତି, ଜଗଦୀଶ ତ୍ରିପାଠୀ, ପ୍ରଦୀପ ମିଶ୍ର, ଶିଶିର ରାଉତ, ନରେନ୍ଦ୍ର ପଣ୍ଡା, ସିଦ୍ଧାର୍ଥ ମହାନ୍ତି, ଅରୁଣ ରାଉତ, ବନଜ ରାୟ, ଯୁଗଳ ବେହେରା, ନିଗମ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। କଲେଜ ଅଧ୍ୟକ୍ଷ ଡ. ଶିଶିର କୁମାର ଦେହୁରୀ, ଅଧ୍ୟାପକ ଜଳଧର ରାଉତ, ପଞ୍ଚାନନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ସମୀର ସାହୁଙ୍କୁ ପିଏଚ୍‌ଡି ଡିଗ୍ରୀ ହାସଲ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।




ବୈଠକରେ ମଞ୍ଚାସୀନ ସଂଘର କାର୍ଯ୍ୟକର୍ତ୍ତାବୃନ୍ଦ।

### ୬୬୨ବର୍ଗ କଲେଜ ସଂଘର ଚେତାବନୀ

